ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
Odisha State Open University
ସମ୍ବଲପୁର, ଓଡ଼ିଶା
Established : 2015
Temporary Campus : G.M. University, Sambalpur
E-Mail : info@osou.ac.in, Website : www.osou.ac.in.
ସ୍ଥାପିତ : ୨୦୧୫
ଅସ୍ଥାୟୀ ଶିବିର : ଜି.ଏମ୍. ବିଶ୍ୱବିଦ୍ୟାଳୟ, ସମ୍ବଲପୁର

# ଦତ୍ତକର୍ମ – ୧ – ୬

# ଶିକ୍ଷାବର୍ଷ : ୨୦୧୭-୧୮

ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

**ଉତ୍ତର ଲେଖିବା ପୂର୍ବରୁ ନିୟମାବଳୀକୁ ଯତ୍ନର ସହିତ ପାଠ କରନ୍ତୁ।**

# ନିୟମାବଳୀ

**ଦତ୍ତକର୍ମ : ୧-୬**

ଶିକ୍ଷାବର୍ଷ : ୨୦୧୭ -୧୮

**ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ**

ପ୍ରିୟ ବିଦ୍ୟାର୍ଥୀଗଣ,

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଦ୍ୱାରା ପ୍ରସ୍ତୁତ ଏବଂ ପରିବେଷିତ ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମକୁ ଆପଣମାନଙ୍କୁ ସ୍ୱାଗତ।

ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତିଟି ପାଠ୍ୟକ୍ରମ ପାଇଁ ଆପଣମାନଙ୍କୁ ଗୋଟିଏ ଲେଖାଏଁ ଦତ୍ତକର୍ମ ପ୍ରସ୍ତୁତକରି ଦାଖଲ କରିବାକୁ ହେବ। ତାହାଦ୍ୱାରା ନିର୍ଦ୍ଧାରିତ ସମୟରେ ନିରୂପିତ ଅନ୍ତିମ ପରୀକ୍ଷା ଦେବାର ଯୋଗ୍ୟତା ଆପଣମାନେ ଅର୍ଜନ କରିପାରିବେ। ଏସବୁ ଦତ୍ତକର୍ମ ଆପଣମାନଙ୍କ ପଠନ କେନ୍ଦ୍ରର ପରାମର୍ଶ ଦାତାମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ। ତେଣୁ, ଆପଣମାନେ ଏହାକୁ ନିଜ ପଠନ କେନ୍ଦ୍ରର ସଂଯୋଜକଙ୍କ ନିକଟରେ ଦାଖଲ କରିବାକୁ ଚେଷ୍ଟାକରିବେ। ଦତ୍ତକର୍ମ ଉତ୍ତର ଲେଖିବା ପୂର୍ବରୁ ପାଠ୍ୟ ବିଷୟ ବସ୍ତୁ ଉପରେ ଅତ୍ୟନ୍ତ ମନଯୋଗୀ ଦୃଷ୍ଟିରଖନ୍ତୁ। ଏଥି ସଂପର୍କିତ ନିର୍ଦ୍ଦେଶାବଳୀକୁ ପାଠକରନ୍ତୁ। ଆପଣମାନଙ୍କ ନିକଟରେ ଉପଲବ୍ଧ ପାଠ୍ୟ ଉପକରଣ କିମ୍ବା ସେଭଳି କିଛି ବହିରୁ ନକଲ କରିବାକୁ ଚେଷ୍ଟା କରନ୍ତୁ ନାହିଁ। ତେଣୁ, ଆପଣମାନଙ୍କୁ ପରାମର୍ଶ ଛଳରେ ଏତିକି କୁହାଯାଇ ପାରିବ ଯେ ପାଠ୍ୟଉପକରଣ ଗୁଡ଼ିକୁ ମନଦେଇ ପାଠକରି ବୁଝିବାକୁ ଚେଷ୍ଟାକରନ୍ତୁ ଏବଂ ଯଥାସମ୍ଭବ ନିଜଭାଷା ଓ ଶୈଳୀରେ ଉତ୍ତର ଲେଖିବାକୁ ଚେଷ୍ଟାକରନ୍ତୁ। ତାହାଦ୍ୱାରା ଆପଣମାନେ ଭଲ ଗ୍ରେଡ୍ /ନମ୍ବର ପାଇ ପାରିବେ।

**ଦତ୍ତକର୍ମର ଉଦ୍ଦେଶ୍ୟ :**

ମୁକ୍ତ ଓ ଦୂର ଶିକ୍ଷା ପାଠ୍ୟକ୍ରମ କ୍ଷେତ୍ରରେ ଦତ୍ତକର୍ମ ଗୁଡ଼ିକ ନିରବଚ୍ଛିନ୍ନ ମୂଲ୍ୟାୟନ ପ୍ରକ୍ରିୟାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ଦତ୍ତକର୍ମ ଗୁଡ଼ିକରେ ଆପଣମାନେ ଯେଉଁଗ୍ରେଡ୍ / ମାର୍କ ଅର୍ଜନ କରି ଥାଆନ୍ତି, ସେସବୁ ଆପଣମାନଙ୍କର ଶେଷ ପର୍ଯ୍ୟାୟ ନିରୂପିତ ଅନ୍ତିମ ପରୀକ୍ଷାରେ ଉତ୍ତର ଫଳାଫଳକୁ ପ୍ରଭାବିତ କରିବ। ଦତ୍ତକର୍ମରେ ଭଲ ଗ୍ରେଡ୍ / ମାର୍କ ରଖିଲେ ଆପଣମାନଙ୍କ ମୋଟା ମୋଟି ପରୀକ୍ଷା ଫଳ ଖୁବ୍ ଭଲ ହେବ। ମୁକ୍ତ ଓ ଦୂର ଶିକ୍ଷା ପଠନ କ୍ଷେତ୍ରରେ ଦତ୍ତକର୍ମ ଗୋଟିଏ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦତ୍ତକର୍ମର ମୂଲ୍ୟାୟନ ପରେ ମୂଲ୍ୟାଳୟନକାରୀଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦିଷ୍ଟ / ସାଧାରଣ ମନ୍ତବ୍ୟ ସହିତ ସେଗୁଡ଼ିକୁ ଆପଣମାନଙ୍କୁ ଫେରସ୍ତ କରି ଦିଆଯିବ। ଫଳରେ ଆପଣମାନେ ନିଜର ଦୁର୍ବଳତା ଓ ଭଲ ଦିଗ ଗୁଡ଼ିକ ଜାଣି ପାରିବେ। ତାହାଦ୍ୱାରା ଶିକ୍ଷାର୍ଥୀ ଓ ମୂଲ୍ୟାୟନକାରୀ (ପରାମର୍ଶଦାତା)ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ମଧ୍ୟ ଉତ୍ତମ ହୋଇପାରିବ।

**ଦତ୍ତକର୍ମ ଲେଖିବେ କିପରି ?**

୧. ଉତ୍ତର ଖାତାର ସର୍ବୋଚ୍ଚ ସ୍ଥାନରେ ଆପଣମାନଙ୍କ ନାମ, ପାଠ୍ୟକ୍ରମର କୋଡ୍, ପାଠ୍ୟକ୍ରମର ନାମ, ନାମ ଲେଖା କ୍ରମିକ ସଂଖ୍ୟା, ଶିକ୍ଷା କେନ୍ଦ୍ରର କୋଡ୍ ନମ୍ବର ଉଲ୍ଲେଖ କରିବେ ।

୨. ଉତ୍ତର ଗୁଡ଼ିକ ନିଜ ହସ୍ତାକ୍ଷରରେ ଲେଖିବେ । ପ୍ରତି ପୃଷ୍ଠାର ବାମ ପାର୍ଶ୍ୱରେ ଏବଂ ପ୍ରତି ଅନୁଚ୍ଛେଦ ପରେ ମୂଲ୍ୟାଙ୍କନକାରୀ ତାଙ୍କ ମନ୍ତବ୍ୟ ଲେଖି ପାରୁଥିବା ଭଳି ଯଥେଷ୍ଟ ସ୍ଥାନ ଖାଲି ରଖିବେ ।

୩. ପ୍ରତିଟି ପ୍ରଶ୍ନ ପାଇଁ ନିର୍ଦ୍ଧାରିତ ଶବ୍ଦ ସୀମା ଅନୁସରଣ କରନ୍ତୁ ।

୪. ଆପଣମାନଙ୍କ ହସ୍ତାକ୍ଷର ସ୍ପଷ୍ଟ ଏବଂ ପଠନ ଉପଯୋଗୀ ହେବା ବିଧେୟ ।

**ଦତ୍ତକର୍ମର ଭୂମିକା :**

୧. ପ୍ରତିଟି ଦତ୍ତକର୍ମ ଗୋଟିଏ ମୂଲ୍ୟାଙ୍କନର ଶତକଡ଼ା ୨୫ ଭାଗ ଗୁରୁତ୍ୱ ବହନ କରିବ ଏବଂ ନରୂପିତ ଅନ୍ତିମ ପରୀକ୍ଷା ଅବଶିଷ୍ଟ ଶତକଡ଼ା ୭୫ ଭାଗର ଗୁରୁତ୍ୱ ବହନ କରିବ ।

୨. ପ୍ରତିଟି ଦତ୍ତକର୍ମ ୧୦୦ ନମ୍ବର ବିଶିଷ୍ଟ ହେବ । ମାତ୍ର ଏହା ନିରୂପିତ ଅନ୍ତିମ ପରୀକ୍ଷାର ଶତକଡ଼ା ୨୫ ଭାଗ ଗୁରୁତ୍ୱ ବହନ କରିବ ।

୩. ଆପଣମାନଙ୍କୁ ସର୍ବନିମ୍ନ ପାସ୍ ହାର ଅର୍ଥାତ୍ ପ୍ରତି ଦତ୍ତକର୍ମରେ ଅନ୍ତତଃ ୪୦ ନମ୍ବର ଅର୍ଜନ କରିବାକୁ ହେବ । ଆପଣମାନେ ଯଦି ଦତ୍ତକର୍ମର ଉତ୍ତର ପ୍ରଦାନ କରିବେ ନାହିଁ କିମ୍ବା ତହିଁରେ ଫେଲ୍ ନମ୍ବର ରଖିବେ, ତେବେ ପରବର୍ତ୍ତୀ ବର୍ଷରେ ଆପଣମାନଙ୍କୁ ଆଉ ଥରେ ଦତ୍ତକର୍ମର ଉତ୍ତର ଦାଖଲ କରିବାକୁ ହେବ ।

# ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

## SUBMISSION DATES FOR ASSIGNMENTS

## (ଦତ୍ତକର୍ମ ଜମା କରିବାର ସମୟ ସୀମା)

## ସେମିଷ୍ଟର (୧-୨)

| ପାଠ୍ୟକ୍ରମ ସଂଖ୍ୟା | ପାଠ୍ୟକ୍ରମ ଶୀର୍ଷକ | ସମୟ ସୀମା | ବାର |
|---|---|---|---|
| ୦୧ | ଓଡ଼ିଆ ବର୍ଣ୍ଣ ପରିଚୟ | ୦୮/୧୦/୨୦୧୭ | ରବିବାର |
| ୦୨ | (ବ୍ୟବହାରିକ ବ୍ୟାକରଣ) | ୧୫/୧୦/୨୦୧୭ | ରବିବାର |
| ୦୩ | ଭାଷା ବିଜ୍ଞାନ | ୨୨/୧୦/୨୦୧୭ | ରବିବାର |
| ୦୪ | ବ୍ୟବହାରିକ କଥନ,ଲିଖନ କୌଶଳ | ୦୮/୦୪/୨୦୧୮ | ରବିବାର |
| ୦୫ | ଗଣମାଧ୍ୟମ, ଯୋଗାଯୋଗ କୌଶଳ | ୧୫/୦୪/୨୦୧୮ | ରବିବାର |
| ୦୬ | କମ୍ପ୍ୟୁଟର ବ୍ୟବହାର କୌଶଳ | ୨୨/୦୪/୨୦୧୮ | ରବିବାର |

# ଦତ୍ତକର୍ମ

## ଶିକ୍ଷା ବର୍ଷ ୨୦୧୭ -୧୮

## ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

## (ଓଡ଼ିଆ ବର୍ଣ୍ଣ ପରିଚୟ)

**ପାଠ୍ୟକ୍ରମ - ୧** **ପୂର୍ଣ୍ଣ ସଂଖ୍ୟା – ୧୦୦**

**('କ' ବିଭାଗ)** ୬ x ୫ = ୩୦

**(୧୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)**

୧. କୃଦନ୍ତ ପଦକୁ ସଦୃଷ୍ଟାନ୍ତ ବୁଝାଇଦିଅ।

୨. ସ୍ୱରସନ୍ଧି ଓ ବ୍ୟଞ୍ଜନ ସନ୍ଧି ମଧ୍ୟରେ ପାର୍ଥକ୍ୟ ନିରୂପଣ କର।

୩. ପ୍ରେରଣାତ୍ମକ କ୍ରିୟା ଓ ନାସ୍ତିବାଚକ କ୍ରିୟା ମଧ୍ୟରେ କ'ଣ ସବୁ ପ୍ରଭେଦ ରହିଛି ଦର୍ଶାଅ।

୪. ଉପସର୍ଗ ଦ୍ୱାରା କେମିତି ମୂଳ ଅର୍ଥରେ ପରିବର୍ତ୍ତନ ହୋଇଥାଏ, ସଦୃଷ୍ଟାନ୍ତ ଦର୍ଶାଅ।

୫. ଓଡ଼ିଆ ଖବର ବିଭାଗୀକରଣ କର।

**('ଖ' ବିଭାଗ)** ୧୦ x ୩ = ୩୦

(୩୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)

୫. ବ୍ୟକ୍ତିଧାରକ ଓ ଜାତିବାଚକ ବିଶେଷ୍ୟ ମଧ୍ୟରେ ପାର୍ଥକ୍ୟ ସଦୃଷ୍ଟାନ୍ତ ନିରୂପଣ କର।

୬. ବିଭକ୍ତି କେତେ ପ୍ରକାରର ? ପ୍ରତିଟି ବିଭକ୍ତିର ଦୁଇଟି ଲେଖାଏଁ ଦୃଷ୍ଟାନ୍ତ ପ୍ରଦାନ ପୂର୍ବକ ବୁଝାଇ ଲେଖ।

୭. ଉପସର୍ଗ କାହାକୁ କୁହାଯାଏ ? ନୂତନ ଶବ୍ଦ ଗଠନରେ ଉପସର୍ଗର ଭୂମିକା ସଦୃଷ୍ଟାନ୍ତ ପ୍ରଦାନ କର।

୮. ବଚନ କାହାକୁ କୁହାଯାଏ ? ବଚନର ପାର୍ଥକ୍ୟ ନିରୂପଣ କର।

**('ଗ' ବିଭାଗ)**

(୫୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ) ୨୦x ୨= ୪୦

୯. ଓଡ଼ିଆ ବର୍ଣ୍ଣମାନଙ୍କର ଉଚ୍ଚାରଣ ସ୍ଥାନ ନିରୂପଣ କରି ବର୍ଣ୍ଣଗୁଡ଼ିକର ନାମ ଉଲ୍ଲେଖ କର।

୧୦. କାରକର ପ୍ରକାରଭେଦ ନିରୂପଣ କରି ସେ ସବୁର ସଦୃଷ୍ଟାନ୍ତ ବର୍ଣ୍ଣନା ପ୍ରଦାନ କର।

# ଦତ୍ତକର୍ମ

## ଶିକ୍ଷା ବର୍ଷ ୨୦୧୭ -୧୮

## ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

## (ବ୍ୟବହାରିକ ବ୍ୟାକରଣ)

**ପାଠ୍ୟକ୍ରମ - ୨** **ପୂର୍ଣ୍ଣ ସଂଖ୍ୟା – ୧୦୦**

**('କ' ବିଭାଗ)** ୬ x ୫ = ୩୦

**(୧୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)**

୧. ଗୋଟିଏ ସରଳ ବାକ୍ୟ ରଚନା ପୂର୍ବକ ଏହାର ଉଦ୍ଦେଶ୍ୟ ଓ ବିଧେୟ ଚିହ୍ନିତ କର।

୨. ବିବୃତ୍ତିସୂଚକ ବାକ୍ୟ କାହାକୁ କୁହାଯାଏ ? ଉଦାହରଣ ସହ ବୁଝାଅ।

୩. ଛନ୍ଦ କାହାକୁ କୁହାଯାଏ ? ସଦୃଷ୍ଟାନ୍ତ ପ୍ରକାରଭେଦ ନିରୂପଣ କର।

୪. ସଂକ୍ଷିପ୍ତ ଟିପ୍ପଣୀ ଲେଖ - ଚଉତିଶା, କୋଇଲି

୫. ଭଜନ ଓ ଜଣାଣ ମଧ୍ୟରେ ପାର୍ଥକ୍ୟ ଲେଖ।

**('ଖ' ବିଭାଗ)** ୧୦ x ୩ = ୩୦

(୩୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)

୬. ଭାବବାଚକ ବାକ୍ୟ କେତେପ୍ରକାରର ? ଉଦାହରଣ ସହ ଦର୍ଶାଅ।

୭. ବାକ୍ୟରେ ବ୍ୟବହୃତ ହେଉଥିବା ଚିହ୍ନ ଓ ସେଗୁଡ଼ିକର ବୈଶିଷ୍ଟ୍ୟ ସଦୃଷ୍ଟାନ୍ତ ଆଲୋଚନା କର।

୮. ଉପମା ଓ ରୂପକ ଅଳଙ୍କାର ମଧ୍ୟରେ ଥିବା ସାଦୃଶ୍ୟ ଓ ବୈସାଦୃଶ୍ୟ ଉଦାହରଣ ସହ ଆଲୋଚନା କର।

**('ଗ' ବିଭାଗ)** ୨୦ x ୨= ୪୦

(୫୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)

୯. ବାକ୍ୟରେ ଆକାଂକ୍ଷା, ଯୋଗ୍ୟତା ଓ ଆସତ୍ତିର ଭୂମିକା ସମ୍ପର୍କରେ ଆଲୋଚନା କର।

୧୦. ଅନୁପ୍ରାସ ଅଳଙ୍କାର ଧର୍ମ କ'ଣ ଲେଖି, ଏହାର ବିଭାଗୀକରଣ ଦର୍ଶାଅ।

# ଦତ୍ତକର୍ମ

## ଶିକ୍ଷା ବର୍ଷ ୨୦୧୭ -୧୮

## ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

## (ଭାଷା ବିଜ୍ଞାନ)

**ପାଠ୍ୟକ୍ରମ - ୩** **ପୂର୍ଣ୍ଣ ସଂଖ୍ୟା – ୧୦୦**

**('କ' ବିଭାଗ)** ୬ x ୫ = ୩୦

**(୧୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)**

୧. ସଂକ୍ଷିପ୍ତ ଟିପ୍ପଣୀ ଲେଖ - (କ) ତାଳପତ୍ର ପୋଥି,

(ଖ) ଗୁପ୍ତ ଲିପି,

(ଗ) ତାଲବ୍ୟ ବ୍ୟଞ୍ଜନ ଧ୍ୱନି

୨. ଭାରତରେ କେଉଁ କେଉଁ ଭାଷାର ଲିପି ବ୍ରାହ୍ମୀ ଲିପିରୁ ଉଦ୍ଭବ ହୋଇଛି ବୋଲି ବିଶ୍ୱାସ କରାଯାଏ ?

୩. ରୂପ ପରିବର୍ତ୍ତନର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ପ୍ରଦାନ କର।

**('ଖ' ବିଭାଗ)** ୧୦x ୩ = ୩୦

(୩୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)

୪. ଧ୍ୱନି ଉତ୍ପନ୍ନ କ୍ଷେତ୍ରରେ ବାକ୍‌ଯନ୍ତ୍ରର ଭୂମିକା ଆଲୋଚନା କର।

୫. ଭାଷା ପରିବର୍ତ୍ତନକୁ ପାରିପାର୍ଶ୍ୱିକ ବାତାବରଣ କିପରି ପ୍ରଭାବିତ କରିଥାଏ, ଆଲୋଚନା କର।

୬. ଚୀନାଲିପି ଓ ଖରୋଷ୍ଠୀ ଲିପି ମଧ୍ୟରେ ଥିବା ପ୍ରଭେଦ ନିରୂପଣ କର।

**('ଗ' ବିଭାଗ)** ୨୦x ୨= ୪୦

(୫୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)

୭. ଲିପି ସୃଷ୍ଟିର ଇତିହାସ ସମ୍ପର୍କରେ ଯାହା ଜାଣ ଲେଖ।

୮. ଉଚ୍ଚାରଣର ସ୍ଥାନ ଓ ପ୍ରକାର ଦୃଷ୍ଟିରୁ ଓଡ଼ିଆ ବ୍ୟଞ୍ଜନ ଧ୍ୱନିର କିପରି ବର୍ଗୀକରଣ କରାଯାଇପାରିବ ତାହାର ଏକ ଚାର୍ଟ ପ୍ରସ୍ତୁତ କରି ସେହି ଧ୍ୱନିଗୁଡ଼ିକର ବୈଶିଷ୍ଟ୍ୟ ନିର୍ଦ୍ଧାରଣ କର।

# ଦତ୍ତକର୍ମ

## ଶିକ୍ଷା ବର୍ଷ ୨୦୧୭ -୧୮

## ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

## (ବ୍ୟବହାରିକ କଥନ, ଲିଖନ କୌଶଳ)

**ପାଠ୍ୟକ୍ରମ - ୪** **ପୂର୍ଣ୍ଣ ସଂଖ୍ୟା – ୧୦୦**

**('କ' ବିଭାଗ)** ୬ x ୫ = ୩୦

**(୧୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)**

୧. କଥନ କୌଶଳ କହିଲେ ଆମେ କ'ଣ ବୁଝିବା ?

୨. ପ୍ରସଙ୍ଗଭିତ୍ତିକ ବକ୍ତୃତା କହିଲେ କ'ଣ ବୁଝ ?

୩. ଶୋକସଭାର ଭାଷଣ କିଭଳି ହେବା ଉଚିତ ?

୪. ଔପଚାରିକ ନିମନ୍ତ୍ରଣ କାହାକୁ କୁହାଯାଏ ?

୫. ଲିଖନ କୌଶଳ କହିଲେ କ'ଣ କୁହାଯାଏ ?

**('ଖ' ବିଭାଗ)** ୧୦x ୩ = ୩୦

(୩୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)

୬. ବ୍ୟବହାରିକ କଥନ କୌଶଳର ସଦୃଷ୍ଟାନ୍ତ ବର୍ଣ୍ଣନା କର।

୭. ପ୍ରବନ୍ଧର ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ କର।

୮. ଗୋଟିଏ ପାଠଚକ୍ର ଆୟୋଜନ ପାଇଁ ପ୍ରେସ୍ ଇସ୍ତାହାର ପ୍ରସ୍ତୁତ କର।

**('ଗ' ବିଭାଗ)** ୨୦x ୨= ୪୦

(୫୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)

୯. ଦଳଗତ ଆଲୋଚନା ବକ୍ତୃତା ଠାରୁ କିଭଳି ପୃଥକ ଉଦାହରଣ ସହ ବୁଝାଇ ଲେଖ।

୧୦. ସମ୍ପାଦନା କହିଲେ କ'ଣ ବୁଝ ? ଉତ୍ତମ ସମ୍ପାଦନାର ଲକ୍ଷଣ ଗୁଡ଼ିକ ଆଲୋଚନା କର।

# ଦତ୍ତକର୍ମ

## ଶିକ୍ଷା ବର୍ଷ ୨୦୧୭ -୧୮

## ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

## (ଗଣମାଧ୍ୟମ,ଯୋଗାଯୋଗ କୌଶଳ)

**ପାଠ୍ୟକ୍ରମ - ୫** **ପୂର୍ଣ୍ଣ ସଂଖ୍ୟା – ୧୦୦**

**('କ' ବିଭାଗ)** ୬ x ୫ = ୩୦

**(୧୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)**

**୧.ସଂକ୍ଷିପ୍ତ ଟିପ୍ପଣୀ ଲେଖ।**

୧. ସମ୍ବାଦପତ୍ରର ସ୍ତମ୍ଭ

୨. ଫଟୋ ସାମ୍ବାଦିକତା

୩. ହାର୍ଡ ନ୍ୟୁଜ୍

୪. ସଫ୍ଟ ନ୍ୟୁଜ୍

୫. ବିଜ୍ଞାପନର କଳାତ୍ମକତା

**('ଖ' ବିଭାଗ)** ୧୦x ୩ = ୩୦

(୩୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)

୬. ବୈଦ୍ୟୁତିକ ଗଣମାଧ୍ୟମର ସଂଜ୍ଞା ଓ ସ୍ୱରୂପ ସଂକ୍ଷେପରେ ଲେଖ।

୭. ଭାଷା ଓ ଯୋଗାଯୋଗର ସମ୍ପର୍କ ନିରୂପଣ ପୂର୍ବକ ଯୋଗାଯୋଗର ପ୍ରକାରଭେଦ ନିର୍ଣ୍ଣୟ କର।

୮. ବିଜ୍ଞାପନ ପ୍ରସ୍ତୁତିରେ କେଉଁ ପ୍ରକାରର ସତର୍କତା ବାଞ୍ଛନୀୟ ?

**('ଗ' ବିଭାଗ)** ୨୦x୨= ୪୦

(୫୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)

୯. ଗଣମାଧ୍ୟମ ଭାବରେ ସାମାଜିକ ଗଣମାଧ୍ୟମର ଭୂମିକା ଆଲୋଚନା କର।

୧୦. ବିଜ୍ଞାପନର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ସବିସ୍ତୃତ ଆଲୋଚନା କର।

### ପ୍ରୋଜେକ୍ଟ

### ପାଠ୍ୟକ୍ରମ-୫

**ପଞ୍ଚମ ଏକକ** – ସମ୍ବାଦ ଅଥବା ବିଜ୍ଞାପନ ପ୍ରସ୍ତୁତି ନିମିତ୍ତ କ୍ଷେତ୍ର ପରିଦର୍ଶନ ଓ ରିପୋର୍ଟିଂ ଉପସ୍ଥାପନ। ନିଜ ଅଞ୍ଚଳର ଦୁଇଟି ମୁଖ୍ୟ ଜନସମସ୍ୟା ଅଥବା କଳା / ସଂସ୍କୃତିକୁ ଆଧାର କରି ୧୫୦୦ ଶବ୍ଦ ମଧ୍ୟରେ ଗୋଟିଏ ବିବରଣୀ (ରିପୋର୍ଟ) ପ୍ରଦାନ କର। ବିବରଣୀ ଦାଖଲ କରିବାର ସମୟ ସୀମା – ୨୨.୪.୨୦୧୮

**ଦତ୍ତକର୍ମ**

**ଶିକ୍ଷା ବର୍ଷ ୨୦୧୭ -୧୮**

**ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ**

**(କମ୍ପ୍ୟୁଟର ବ୍ୟବହାର କୌଶଳ)**

**ପାଠ୍ୟକ୍ରମ - ୬** **ପୂର୍ଣ୍ଣ ସଂଖ୍ୟା – ୧୦୦**

(‘କ’ ବିଭାଗ) ୬ x ୫ = ୩୦

**(୧୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)**

୧. କୀ ବୋର୍ଡ଼ରେ ଥିବା ବିଭିନ୍ନ କୀ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କର।

୨. ପ୍ରସ୍ତୁତ ପାଠକୁ ସେଭ୍ ବା ସଂରକ୍ଷଣ କରିବା ନିମନ୍ତେ କେଉଁ ସବୁ ସତର୍କତା ଆବଶ୍ୟକ ଲେଖ।

୩. ପୂର୍ବରୁ ସଂରକ୍ଷିତ ୱାର୍ଡ ଡକୁମେଣ୍ଟକୁ କିପରି ଖୋଲାଯିବ - ଲେଖ।

୪. ହାର୍ଡଡିସ୍କ କାହାକୁ କହନ୍ତି ?

୫. ସଫ୍ଟୱେୟାର କ’ଣ ? ଉଦାହରଣ ପ୍ରଦାନ କର।

(‘ଖ’ ବିଭାଗ) ୧୦x ୩ = ୩୦

(୩୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)

୬. କମ୍ପ୍ୟୁଟରର ବିଭିନ୍ନ ଜେନେରେସନ୍ ସମ୍ପର୍କରେ ଆଲୋଚନା କର।

୭. ପ୍ରମୁଖ ଷ୍ଟୋରେଜ୍ ଡିଭାଇସ୍ କହିଲେ କ’ଣ ବୁଝ ?

୮. ୱିଣ୍ଡୋଜ୍‌ରେ ଥିବା ହୋମ୍ ବେସିକ୍‌ର ପ୍ରମୁଖ ଦିଗ ଗୁଡ଼ିକ ଆଲୋଚନା କର।

(‘ଗ’ ବିଭାଗ) ୨୦x ୨= ୪୦

(୫୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ)

୯. କମ୍ପ୍ୟୁଟରର ପ୍ରମୁଖ ଯନ୍ତ୍ରାଂଶର ନାମ ଓ କାର୍ଯ୍ୟକାରୀତା ଲେଖ।

୧୦. କମ୍ପ୍ୟୁଟରରେ ନୂତନ ଫାଇଲ୍ ଖୋଲିବାର ସ୍ତରଗୁଡ଼ିକ ସବିଶେଷ ବର୍ଣ୍ଣନା କର।